-୨-

# ନାଲ୍‌କୋ କମ୍ପାନିର କୋଇଲା ଖଣି ନିମନ୍ତେ ରେଲୱେ ସାଇଡିଙ୍ଗ ପାଇଁ ଜମି ଚିହ୍ନଟକୁ ନେଇ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ।

ଅନୁଗୋଳ,ତା.୧୯.୪:- ନାଲ୍‌କୋ କମ୍ପାନୀ ର ଉତ୍କଳ 'ଡି' ଓ 'ଇ' କୋଇଲା ଖଣି ନିମନ୍ତେ କେରେଜାଙ୍ଗ ଗ୍ରାମରେ ରେଲୱେ ସାଇଡିଙ୍ଗର ଜମି ଚିହ୍ନଟ ପ୍ରକ୍ରିୟା ପାଇଁ ନିକଟସ୍ଥ ଗ୍ରାମ ଯଥା- ସାନକେରେଜାଙ୍ଗ ଓ ଗୋଲାବନ୍ଧ ଗ୍ରାମବାସୀଙ୍କ ସହିତ ଏକ ବୈଠକ ଆଜି ଅପରାହ୍ଣରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍‌ଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ଦାବୀ ଅନୁଯାୟୀ ଅତିରିକ୍ତ କ୍ଷତିପୁରଣ ଅର୍ଥ ରାଶି ବର୍ଦ୍ଧିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ନାଲ୍‌କୋ ପୂର୍ବରୁ ଟେଣ୍ଡର ପାଇଥିବା କମ୍ପାନୀ କର୍ତ୍ତୃପକ୍ଷ ବର୍ଦ୍ଧିତ କରିବାକୁ ଥିବା ଅର୍ଥ ରାଶି ଉପରେ କ୍ଷତିପୁରଣ ଦିଆଯିବା ପାଇଁ ଖୁବ୍ ଶିଘ୍ର ଏକ ବୈଠକ ହେବ ବୋଲି ସ୍ଥିର କରାଗଲା । ଏହା ମଧ୍ୟରେ ଜମି ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଅତିରିକ୍ତ ଉପଜିଲ୍ଲାପାଳ ନିବେଦନ କରିଥିଲେ । ଗ୍ରାମବାସୀମାନେ ବୃନ୍ଦ ଏଥିରେ ସହମତି ପ୍ରଦାନ କରିଥିଲେ । କେଉଁ ଦିନ କେଉଁ ଗ୍ରାମର ଜମି ଚିହ୍ନଟ କରାଯିବ ତାହା ସ୍ଥିର କରାଗଲା । ଚଳିତ ମାସ ୨୦ ତାରିଖରେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ସାନକେରେଜାଙ୍ଗ ଓ ମକୁନ୍ଦପୁର, ୨୧ ତାରିଖରେ ଗୋଲାବନ୍ଧ,୨୨ ତାରିଖରେ ମକୁନ୍ଦପୁର,୨୩ ତାରିଖରେ ନାଲ୍‌କୋ କର୍ତ୍ତୃପକ୍ଷ ହାଲ ସାବିକ ମେଳ ନିମନ୍ତେ ଆବେଦନ କରାଯିବ । ଚଳିତ ମାସ ୨୭ ତାରିଖ ସୁଦ୍ଧା PLRRC ବୈଠକ ନିମନ୍ତେ କମିଟି ଚୟନ ହେବାର ପ୍ରତିଶୃତି ଦିଆଗଲା । ଏହି ବୈଠକରେ ଭୂ-ଅର୍ଜନ ଅଧିକାରୀ(ସାଧାରଣ) ଇଷାନି ପଣ୍ଡା, ବଅଁରପାଳ ତହସିଲଦାର ଶ୍ରୀ ଜିତେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୨୭୦ ତା. ୧୯.୦୪. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୯/୪/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ